## ସଂକ୍ଷେପରେ

ଗୋଟିଏ ସ୍କୁଲରେ ୨୫ ବର୍ଷ ଚାକିରି

### ତେଜୁଛି ଶିକ୍ଷୟିତ୍ରୀଙ୍କ ବଦଳି ଦାବି

**ବିଷମକଟକ,୨୩।୮ (ପ୍ରସନ୍ନ କୁମାର ପଣ୍ଡା)**

ଗୋଟିଏ ସ୍କୁଲରେ ଦୀର୍ଘ ୨୫ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବିଷମକଟକ ବ୍ଲକ୍ ହାଟ ମୁନିଗୁଡ଼ା ଏମ୍ଇ ସ୍କୁଲର ଶିକ୍ଷୟିତ୍ରୀ ଆରତି ମିଶ୍ରଙ୍କୁ ଅତିଶୀଘ୍ର ବଦଳି କରା ନ ଗଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ। ସେଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ ଓ ସାମାଜିକ କର୍ମୀ ସୁକାନ୍ତ ସେଠୀ ଚେତାବନୀ ଦେଇଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଯୋଗୁ ହାଟ ମୁନିଗୁଡା ଏମ୍ଇ ସ୍କୁଲରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି ଦାବିରେ କିଛିଦିନ ତଳେ ଗ୍ରାମବାସୀ ରାୟଗଡ଼ା ଜିଲା ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀ ବସନ୍ତ କୁମାର ନାୟକଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତକରି ନିଶ୍ଚିତ ଭାବରେ ବଦଳି କରାଯିବ ବୋଲି ସେ କହିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାଙ୍କର ବଦଳି କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ବର୍ଷାରେ ଭାଙ୍ଗିଲା ଘର

**ବିଷମ କଟକ,୨୩।୮ (ପ୍ରସନ୍ନ କୁମାର ପଣ୍ଡା)**

ବର୍ଷା ଯୋଗୁ ବିଷମକଟକ ବ୍ଲକ ଅନ୍ତର୍ଗତ ଥୁଆପାଡି ଗ୍ରାମ ପଞ୍ଚାୟତର ହିକିରି ଗ୍ରାମର ମାତାଡି କୁଲୁସିକା ଓ ତାଙ୍କ ପୁଅ ଭାସ୍କର କୁଲୁସିକାଙ୍କ ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଛି। ଫଳରେ ଭଙ୍ଗା ଘର ଭିତରେ ଥିବା ଧାନ, ଚାଉଳ, ଲୁଗାପଟା ସହ ବ୍ୟବହାର ସାମଗ୍ରୀ ନଷ୍ଟ ହୋଇଯାଇଛି । ରାତି ହେବା ସହ ବର୍ଷା ଲାଗି ରହିଥିବାରୁ ଘର ଭିତରେ ଥିବା ସାମଗ୍ରୀ ବାହାରକୁ କାଢ଼ିବା କଷ୍ଟକର ବୋଲି ଗ୍ରାମର ସନିୟା ହିକକା, ସାଧୁ ହିକକା, ହରି ହିକକା ପ୍ରମୁଖ ଗ୍ରାମବାସୀ କହିଛନ୍ତି । ଥୁଆପାଡି ସରପଞ୍ଚ କବିତା ନିଶିକା କ୍ଷତିଗ୍ରସ୍ତ ପରିବାରକୁ ଭେଟି ଆଶ୍ୱାସନା ଦେବା ସହ ଘଟଣା ବିଷୟରେ ବିଷମକଟକ ତହସିଲ ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଛନ୍ତି । ପ୍ରଶାସନ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦେବାକୁ ଗ୍ରାବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଷମକଟକ ବିଡ଼ିଓ ସଦାଶିବ ନାୟକଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ କରି ନିଶ୍ଚିତ ଭାବରେ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### ଜେକେ କାଗଜକଳ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




**ଜେକେପୁର୨୩।୮ (ରାଜେଶ ବିଶ୍ୱାଳ)**

ଜେକେ କାଗଜକଳ ପକ୍ଷରୁ ଦେବଦଳାଗୁଡାରେ ଗୁରୁବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ୧୨୩ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ବିଭିନ୍ନ ରୋଗରେ ପୀଡିତ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଜିଲାସ୍ତରରୁ ଡାକ୍ତର ସୁନୀଲ ମହାପାତ୍ର ଏବଂ ଜେମାଦେଈପେଣ୍ଠର ସ୍ୱାସ୍ଥ୍ୟ କର୍ମଚାରୀ ଏହି ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ। କାଗଜ କଳର ଲୋକ ସମ୍ପର୍କ ଅଧିକାରୀ ହରିହର ଖମାରିଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

# ଆଦିମ ଜନଜାତିଙ୍କ ଆବଶ୍ୟକତା ପୂରଣ ଲକ୍ଷ୍ୟ



ଖବରଦାତା ସମ୍ମିଳନୀରେ ଜିଲାପାଳ ପାରୁଲ ପଟୱାରିଙ୍କ ସହ ଅନ୍ୟ ଅଧିକାରୀ।

**ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)**

ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସୌରାଙ୍କ ପାଇଁ ଶୁକ୍ରବାରଠାରୁ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ଶୁଭାରମ୍ଭ ହୋଇଛି । ଏ ନେଇ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଜିଲାପାଳ ପାରୁଲ ପଟୱାରି। ଏହି ଯୋଜନାରେ ଆଦିମ ଜନଜାତିଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ଯୋଜନା ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟ କରିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ ଜିଲାପାଳ ପାରୁଲ। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଯୋଜନା ମାଧ୍ୟମରେ ଜୀବନ ଜୀବିକା, ବିଦ୍ୟୁତିକରଣ, ବ୍ୟାଙ୍କ ଲୋନ୍ ପ୍ରଦାନ କରାଯିବ । ଏଥିପାଇଁ ସମସ୍ତ ଅଧିକାରୀ ଗାଁମାନଙ୍କରେ କ୍ୟାମ୍ପ କରିବେ। ସେଥିପାଇଁ ନୋଡାଲ ଅଧିକାରୀ ନିଯୁକ୍ତ କରାଯାଇଛି। ରାୟଗଡା ଜିଲାର ମୁନିଗୁଡା, ବିଷମକଟକ ଓ କଲ୍ୟାଣସିଂହପୁର ବ୍ଲକରେ

**ପିଏମ୍-ଜନମନ ଯୋଜନା ଶୁଭାରମ୍ଭ**

ଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଏବଂ ଗୁଣପୁର ବ୍ଲକରେ ଥିବା ଲାଞ୍ଜିଆସୌରା ସମ୍ପ୍ରଦାୟର ଲୋକଙ୍କ ସମସ୍ତ ବିକାଶ ହେବ। ଜନମନ ଯୋଜନାରେ ଜିଲାର ସମସ୍ତ ଦୁର୍ଗମ ସ୍ଥାନରେ ବିଏସ୍ଏନ୍ଏଲ ପକ୍ଷରୁ ୧୨୪ଟି ମୋବାଇଲ ଟାୱାର ସ୍ଥାପନ ହେବ। ସେହିଭଳି ଆଦିମ ଜନଜାତି ବସବାସ କରୁଥିବା ଅଞ୍ଚଳରେ ସ୍ଥାପନ ହେବାକୁ ଥିବା ୨୦ ଟି ନୂତନ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ଗୁଣପୁର ବ୍ଲକରେ ୧୫, ବିଷମକଟକ ବ୍ଲକରେ ୩ ଓ କଲ୍ୟାଣସିଂହପୁର ବ୍ଲକରେ ୨ଟି ସ୍ଥାପନା ହେବ। ଏତଦବ୍ୟତୀତ କଲ୍ୟାଣସିଂହପୁର ଓ ବିଷମକଟକଠାରେ ୨ଟି ନୂଆ ଆବାସିକ ହଷ୍ଟେଲ ନିର୍ମାଣ କରାଯିବ। ଏହି ଜନମନ ଯୋଜନା ଜରିଆରରେ କ୍ୟାମ୍ପ ପୂର୍ବକ ଲୋକଙ୍କୁ ଘରେ ଜାତି, ବାସ ଓ ଜନ୍ମ ପ୍ରମାଣପତ୍ର ଯୋଗାଇ ଦିଆଯିବ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ପଟା ବଣ୍ଟନ କରାଯିବ ବୋଲି ଜିଲାପାଳ ପାରୁଲ ସୂଚନା ଦେଇଛନ୍ତି । ଏହାସହିତ ରାସ୍ତା ନ ଥିବା ଗାଁଗୁଡ଼ିକ ଚିହ୍ନଟ କରିବା ପାଇଁ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ପାରୁଲ କହିଛନ୍ତି।

## ଅସ୍ଥାୟୀ ପୋଖରୀରେ ହେବ ମୂର୍ତ୍ତି ବିସର୍ଜନ

**ଗୁଣପୁର, ୨୩।୮ (ପ୍ରଦୀପ କୁମାର ପାଢ଼ୀ)**

ପାର୍ବଣ ଋତୁରେ ମୂର୍ତ୍ତି ବିସର୍ଜନ ନେଇ ଏକ ବୈଠକ ରାୟଗଡା ଜିଲା ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ କୀରଣ ଦୀପ କୌରଙ୍କ ବୈଠକରେ ଅଧକ୍ଷତା କରିଥିଲେ। ଆଗାମୀ ପାର୍ବଣ ଋତୁରେ ବହୁ ମାତ୍ରାରେ ମୂର୍ତ୍ତି ପୂଜା ହେବ ଓ ସେଗୁଡିକୁ ବିସର୍ଜନ କରିବା ପାଇଁ ସରକାରଙ୍କ ନିୟମାବଳୀ ପାଳନ କରିବା ଜରୁରୀ। ନଦୀ ବା ପୋଖରୀ କୂଳରେ ଅସ୍ଥାୟୀ ପୋଖରୀ କରି ସେଠାରେ ମୂର୍ତ୍ତି ବିସର୍ଜନ କରାଯିବ। ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତି ତିଆରି ହେବ ନାହିଁ । ପଲିଥିନ, ଜରି ଆଦିରେ ସାଜସଜ୍ଜା ନ କରି କାଗଜ ଆଦିରେ ସାଜସଜ୍ଜା କରିବା ଉଚିତ ବୋଲି ଜିଲାପାଳ କହିଥିଲେ। ୬୦ ଡିବିରୁ ଅଧିକ ସାଉଣ୍ଡ ବ୍ୟବହାର କଲେ ସମ୍ପୃକ୍ତ ମାଇକ ପୋଲିସ ଦ୍ୱାରା ଜବତ କରାଯିବ । ପୌରାଞ୍ଚଳରେ

**ପାର୍ବଣ ଋତୁରେ ମୂର୍ତ୍ତି ବିସର୍ଜନ ନେଇ ବୈଠକ**

ପୋର ନିର୍ବାହୀ ଅଧିକାରୀ, ଗ୍ରାମାଞ୍ଚଳରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସ୍ୱତନ୍ତ୍ର ବୈଠକ କରି କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଉପ ଜିଲାପାଳ ପରାମର୍ଶ ଦେଇଥିଲେ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଗୌରୀ ଚନ୍ଦ୍ର ଦାସ ପ୍ରଦୂଷଣ କମ୍ କରି ପୂଜା କରିବାକୁ ସମସ୍ତ ପୂଜା କମିଟିକୁ ଅନୁରୋଧ କରିଥିଲେ। ବୈଠକରେ ସମସ୍ତ ତହସିଲଦାର, ଗୁଣପୁର ଓ ବିଷମକଟକ ଉପଖଣ୍ଡ ଆରକ୍ଷୀ ଅଧିକାରୀ, ସମସ୍ତ ଥାନା ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ବ୍ଲକ କର୍ମଚାରୀ, ପୋର କର୍ମଚାରୀ, ପୂଜା କମିଟି ସଭାପତି, ସମ୍ପାଦକ ଓ ସଭ୍ୟମାନେ ଉପସ୍ଥିତ ଥିଲେ ।


ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ଅତିଥି।

## ମିଥ୍ୟା ମାମଲାରେ ଆଦିବାସୀଙ୍କୁ ଗିରଫ ପ୍ରତିବାଦ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦରେ ବସିଥିବା ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭାର କର୍ମକର୍ତ୍ତା।

**ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)**

ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ତରଫରୁ ୧୪ ଦଫା ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଏମ୍ଜିଏନ୍ଆର୍ଇଜିଏସ୍‌ରେ କ୍ଷେତ ମୂଲିଆଙ୍କୁ ବର୍ଷକୁ ୨୦୦ ଦିନ କାମ ଏବଂ ଦୈନିକ ୬୦୦ ଟଙ୍କା ମଜୁରି, ରାଶନ କାର୍ଡଧାରୀଙ୍କୁ ୫୦ କେଜି ଚାଉଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ରାମନାଗୁଡ଼ା ମିଥ୍ୟା ମାମଲାରେ ଗିରଫ ହୋଇଥିବା ୩ ଜଣ ଆଦିବାସୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ଆଦି ଦାବି ରହିଛି। କ୍ଷେତ ମଜଦୁର ସଭାର ସଭାପତି ତିରୁପତି ଗମାଙ୍ଗଙ୍କ ନେତୃତ୍ୱରେ ଅନାସିମ ଶବର, ବୃନ୍ଦାବନ ଗୁନା, ଛବି ଲାଲ ହିହାଲ, ରାଜେନ୍ଦ୍ର ମାଝୀ, ଶରତ ଚନ୍ଦ୍ର ତ୍ରିପାଠୀ, କୈଳାସ ଶବର, ପ୍ରାସ୍କା ରାମଚନ୍ଦ୍ର, ଆଛାନା ମଣ୍ଡାଙ୍ଗି, ବନ ହୁଇକା, କାଣିକା ପାଣ୍ଡୁ, ନାଗ ରାଜୁ, ସୁନ୍ଦରମଣି ମିଣିଆକା, ପ୍ରକାଶ ମାଝୀ, କୃଷ୍ଣ ପାଲାକା ପ୍ରମୁଖ ଉପସ୍ଥିତ ଥିଲେ।

## ପିଏମ୍ ଜନମନ ସଚେତନତା କାର୍ଯ୍ୟକ୍ରମ

**ବିଷମକଟକ,୨୩।୮ (ପ୍ରସନ୍ନ କୁମାର ପଣ୍ଡା)**

ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ(ପିଏମ୍ ଜନମନ) ଯୋଜନା ଆଦିବାସୀ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ବିଷମକଟକ ବ୍ଲକ୍ ଖାଂବେସି ଗ୍ରାମରୁ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଡଙ୍ଗରିଆ କନ୍ଧ ବସବାସ କରୁଥିବା ସମସ୍ତ ଗ୍ରାମରେ ଅନୁଷ୍ଠିତ ହେବ। ବିଷମକଟକ ବିଡିଓ ସଦାଶିବ ନାୟକ, ଡିକେଡିଏର ସ୍ୱତନ୍ତ୍ର ଅଧିକାରୀ ଜଗତ ଜୀବନ ବଗର୍ତ୍ତି, ସରପଞ୍ଚ ସୁବରଦିନୀ ୱାଡାକା, ଜଗବନ୍ଧୁ ମେହେର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ତଥା ବ୍ଲକ୍ ନୋଡାଲ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ଯୋଜନାରେ ସମସ୍ତଙ୍କୁ ପକ୍କାଘର, ପ୍ରତ୍ୟେକ ଘରକୁ ପାଣି, ପ୍ରତି ଗାଁକୁ ପକ୍କା ରାସ୍ତା, ପ୍ରତି ଘରକୁ ବିଜୁଳି, ସମସ୍ତଙ୍କୁ ଉତ୍ତମ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସୁବିଧା, ପୋଷଣ, ଉନ୍ନତ ଟେଲିକମ୍ ସେବା ଓ ବନଧନ ବିକାଶ କେନ୍ଦ୍ର ମାଧ୍ୟମରେ ଉନ୍ନତ ଜୀବନଧାରା, ଆୟୁଷ୍ମାନ ଭାରତ ପ୍ରଭୃତି ସେବା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ମତ ପୋଷଣ କରିଥିଲେ। କାର୍ଯ୍ୟକ୍ରମକୁ ଡିକେଡିଏ ସଂସ୍ଥାର ସୁଦର୍ଶନ ପାଢ଼ୀ ପରିଚାଳନା କରିଥିଲେ।

## ଭାଜପା ଜିଲାସ୍ତରୀୟ ସଦସ୍ୟତା କର୍ମଶାଳା ଶୁଭାରମ୍ଭ


ସଦସ୍ୟତା ଅଭିଯାନ କର୍ମଶାଳାରେ ଉପସ୍ଥିତ ଭାଜପା ନେତା।

**ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ସିରିଗୁଡ଼ାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଭାଜପାର ସଦସ୍ୟତା ଅଭିଯାନ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରେକେଟା ଏବଂ ସମ୍ପାଦିକା ପୂର୍ଣ୍ଣିମା ନାୟକ ଉପସ୍ଥିତ ଥିଲେ। ସଦସ୍ୟତା ଅଭିଯାନ ନେଇ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେର୍‌କେଟା ଉପସ୍ଥିତ ଥିବା କର୍ମକର୍ତ୍ତା, ପଦାଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ସଦସ୍ୟତା ଗ୍ରହଣ କରିବେ। ସେହିପରି ୨ ତାରିଖରେ ସମଗ୍ର ଦେଶର ରାଜ୍ୟ ସଭାପତି ଏବଂ ୩ରେ ସମସ୍ତ ଜିଲା ସଭାପତି, ବରିଷ୍ଠ ନେତା ଓ କର୍ମୀମାନେ ସଦସ୍ୟତା ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଗତ ବର୍ଷ ଓଡ଼ିଶାରେ ୪୦ ଲକ୍ଷ ଲୋକ ସଦସ୍ୟତା ଗ୍ରହଣ କରିଥିବା ବେଳେ ଚଳିତ ବର୍ଷ ଓଡ଼ିଶାରୁ ୧ କୋଟି ସଦସ୍ୟତା ଗ୍ରହଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ପୂର୍ଣ୍ଣିମା ପ୍ରକାଶ କରିଥିଲେ। ଅଭିଯାନ କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ପଦ୍ମନାଭ ଦାଶ, ଅଶ୍ୱିନୀ କଞ୍ଚଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ବି.ଲକ୍ଷ୍ମୀ, ଯୁବମୋର୍ଚ୍ଚା ସଭାପତି ଉମେଶ ଖୋସଲା, ଗୁଣପୁର ପ୍ରଭାରୀ ଶିବାଜୀ ଦାଶ ଓ ସଂଯୋଜକ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତଥିଲେ । ଏହି ଅବସରରେ ଭାଜପାରେ ନୂତନ ଭାବେ ଯୋଗଦେଇଥିବା ୟାଲା ଭେଙ୍କଟେଶ୍ୱର ରାଓଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ଦଳୀୟ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।

## ୩୦ଫୁଟ ପ୍ରଶସ୍ତ ରାସ୍ତା ପାଇଁ ରେଳ ଅଧିକାରୀଙ୍କୁ ଦାବିପତ୍ର

**ମୁନିଗୁଡା,୨୩।୮ (ନନ୍ଦ କିଶୋର ପଟ୍ଟନାୟକ)**

ବିଷମକଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ଗ୍ରାମବାସୀ ମୁନିଗୁଡ଼ା ଆସି ରେଲୱେ ଅତିରିକ୍ତ ଡିଭିଜିନାଲ ଇଞ୍ଜିନିୟରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଚାଟିକଣା ଗ୍ରାମ ନିକଟରେ ଥିବା ବିଷମକଟକ ରେଳ ଷ୍ଟେଶନର ଆଧୁନୀକରଣ ଓ ତୃତୀୟ ଲାଇନ ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ହେବ ଚାଲୁଛି। ଫଳରେ ନୂତନ ପ୍ଲାଟଫର୍ମ ନିର୍ମାଣ ପରେ ଏହାର ପାଚେରୀ ନିର୍ମାଣ କାମ ଚାଲୁଛି । ହେଲେ ଚାଟିକଣା ଗ୍ରାମଠାରୁ ଆଦିବାସୀ ସାହି ନିକଟରେ ଯେଉଁ ରାସ୍ତାଟି ଅଛି ତାହା ଅଣଓସାରିଆ ହେବାରେ ଲାଗିଛି । ଏହି ରାସ୍ତା ଦେଇ ଚାଟିକଣା ଓ କୁର୍ଲୀ ପଞ୍ଚାୟତର ଅନେକ ଗ୍ରାମ ଥିବା ବେଳେ ଏହି ରାସ୍ତାଦେଇ ପ୍ରତିଦିନ ଶତାଧିକ ଲୋକ, ଛୋଟ ବଡ଼ ଯାନବାହନ, ଟ୍ରାକ୍ଟର ଓ ଜନସାଧାରଣ ଯାତାୟାତ କରିଥାନ୍ତି । ତେଣୁ ୩୦ ଫୁଟ ପ୍ରଶସ୍ତ ରାସ୍ତା ଜନସାଧାରଣଙ୍କ ପାଇଁ ଦିଆଯାଉ ବୋଲି ଅନୁରୋଧ କରିଥିଲେ । ଏହି ରାସ୍ତାର ସମସ୍ୟା ଦୂର କରି ଉଚିତ ରାସ୍ତା ଦେଲେ ସେହି ଅଞ୍ଚଳର ଲୋକଙ୍କ ସହ ଆଦିବାସୀ ସାହି, ମାଳି ସାହି ଓ ଶବର ସାହି ବାସିନ୍ଦା ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।


ରେଲୱେ ଅଦ୍‌କାରୀଙ୍କୁ ଦାବିପତ୍ର ଦିଆଯାଇଛି।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

**ମୁନିଗୁଡା,୨୩/୮ (ନନ୍ଦ କିଶୋର ପଟ୍ଟନାୟକ)**

ରାୟଗଡା ଜିଲା ମୁନିଗୁଡାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନିଆ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସୁବାସ ଚନ୍ଦ୍ର କୁରା ଓ ଅକ୍ଷୟ କୁମାର ରଥଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବର, ସମ୍ମାନିତ ଅତିଥିଭାବେ ବିଇଓ ଭି.ଭାସ୍କର ରାଓ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ବରିଷ୍ଠ ଶିକ୍ଷାବିତ ବିଦ୍ୟାଧର ଦାସ, ସୁବାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର କୁଇଜ ପ୍ରତିଯୋଗିତାରେ ଭାଗନେଇ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ମାନପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ ।

## ଜିଆଇଇଟିରେ ଗ୍ଲୋବାଲ ବାୟୋ ଇଣ୍ଡିଆ ରୋଡ୍ ଶୋ

**ଗୁଣୁପୁର, ୨୩।୮ (ପ୍ରଦୀପ କୁମାର ପାଢ଼ୀ )**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଗ୍ଲୋବାଲ ବାୟୋ ଇଣ୍ଡିଆ ରୋଡ୍ ଶୋ ୨୦୨୪ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନରେ ଉଦ୍ୟୋଗୀକରଣ ନିମନ୍ତେ ରୂପାନ୍ତରୀକରଣ ଓ ଅନ୍ତଃ ବିଭାଗୀୟ ଗବେଷଣା ସମ୍ପର୍କରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଭାରତ ସରକାରଙ୍କ ନୂଆଦିଲ୍ଲୀସ୍ଥିତ ଜୈବ ପ୍ରଦ୍ୟୋଜିକା ଉଦ୍ୟୋଗ ଅନୁସନ୍ଧାନ ସହାୟତା ପରିଷଦର ଅଧିକାରୀ ଡ. ହର୍ଷିତା ଭାବସର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ଲୋବାଲ ବାୟୋ ଇଣ୍ଡିଆର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବ୍ୟକ୍ତା ଭାବେ ଭୁବନେଶ୍ୱରସ୍ଥିତ ଜୈବ ବିଜ୍ଞାନ ସଂସ୍ଥା ବାୟୋ ନେଷ୍ଟର ମୁଖ୍ୟ ଡ. ନିବେଦିତା ଜେନା ଯୋଗଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏଭିଏନ୍ଏଲ୍ ଶର୍ମା ଗବେଷଣାକରି ଏହା ସମାଜ ମଙ୍ଗଳ ନିମନ୍ତେ ଉପଯୋଗ କରିବା ଉପରେ କହିଥିଲେ। ସ୍କୁଲ ଅଫ୍ ଇଞ୍ଜିନିୟରିଂର ଡିନ୍ ଡ. ଏବି ଶ୍ରୀନିବାସ ରାଓ ମଞ୍ଚାସୀନ ଥିଲେ । ଜୈବ ପ୍ରଯୁକ୍ତି ବିଭାଗର ବିଭାଗୀୟ ମୁଖ୍ୟ ଡ. ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇ-ଯୁବାର ସଂଯୋଜକ ଡ. ସୁଦୀପ୍ତ ମାଇତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଆଇଏମ୍ଏମ୍‌ଟିର ବରିଷ୍ଠ ବୈଜ୍ଞାନିକ ଡ. ଟି. ପବନ କୁମାର, ମାନିସ୍ତୁ ପ୍ରାଇଭେଟ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଜୟନ୍ତୀ ମହାପାତ୍ର ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବାୟୋ ଷ୍ଟାର୍ଟଅପ୍‌ର ମୁଖ୍ୟ ଯଥା ଡ. ବିଜୟାନନ୍ଦ ପାଣିଗ୍ରାହୀ, ଡ. ଗୀତାଞ୍ଜଳି ଅଗ୍ନିହୋତ୍ରୀ, ଶୁଭ୍ରଜିତ ସିଂ ରାଓ ନିଜର ଉଦ୍ୟୋଗର ସଫଳତା ଉପରେ ବର୍ଣ୍ଣନାକରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଯୁବା ପ୍ରକଳ୍ପର ସହଯୋଗୀ ଘନିଷ୍ଠା ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ଲକ୍ଷ୍ୟ

**ବିଭିନ୍ନ ସ୍କୁଲରେ ଜାତୀୟ ମହାକାଶ ଦିବସ**

**ଗୁଣପୁର/ବିଷମକଟକ,୨୩।୮ (ପ୍ରଦୀପ କୁମାର ପାଢ଼ୀ/ପ୍ରସନ୍ନ କୁମାର ପଣ୍ଡା)**


ବିଷମ କଟକରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ରାୟଗଡା ଜିଲାର ବିଭିନ୍ନ ସ୍କୁଲରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାରତର ମହାକାଶ ଅଭିଯାନ ବିଷୟକୁ ନେଇ ଚିତ୍ରକଳା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯୁକ୍ତ ଦୁଇ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସକାଶେ ଏକ ସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ ପଦାର୍ଥ ବିଜ୍ଞାନ ଶିକ୍ଷକ ଡ. ପ୍ରିୟବ୍ରତ ମହାପାତ୍ର ଉପରୋକ୍ତ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ମହାକାଶ ବିଜ୍ଞାନ ଉପରେ ଅଧିକ ଜ୍ଞାନ ହାସଲ କରି ଭାରତୀୟ ମହାକାଶ ଗବେଷଣାକୁ ସଫଳତାର ଶିଖରରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଯୋଗଦେଇ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ବୈଜ୍ଞାନିକ ହେବାରେ ପ୍ରେରଣା ଯୋଗାଇବ ବୋଲି କହିଥିଲେ।

ସେହିପରି ବିଷମକଟକସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ପୋଷ୍ଟର ତିଆରି, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଆୟୋଜନ ସଭାରେ ମୁଖ୍ୟ ଅତିଥି ଭାବେ ବିଷମକଟକ ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀ ନବୀନ ଚନ୍ଦ୍ର ଖୋରା, ରାଜେଶ କୁମାର ବିଶ୍ୱାଳ, ରାଜ୍ୟ ପୁରସ୍କୃତପ୍ରାପ୍ତ ସିଆରସିସି ଶୈଳ ରାଜ ଏମଜି ଯୋଗଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ସରତ ଚନ୍ଦ୍ର ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ଓ ବିଜ୍ଞାନର ଜୟଯାତ୍ରା ସଚେତନତା ନିମନ୍ତେ ଜାତୀୟ ମହାକାଶ ଦିବସ ପ୍ରତ୍ୟେକ ବର୍ଷ ପାଳନ କରାଯିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପାଇଁ ମଙ୍ଗଳ ମିଶନ ଚଳଚ୍ଚିତ୍ର, ଚନ୍ଦ୍ରଯାନ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷଣ ଜଗନ୍ନାଥ ମେହେର, ବଣି ଜାନି, ଶୁଚିନୟୀ ମିଶ୍ର, ଚନ୍ଦ୍ରକାନ୍ତୀ ନାୟକ, ସୁଜାତା ବାଗ, ମଧୁମିତା ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରେଳ ଓଭର ବ୍ରିଜ୍‌ରେ ଲାଗିଲା ଟ୍ୟାଙ୍କର ଯାତାୟାତ ବାଧାପ୍ରାପ୍ତ



କୋରାପୁଟ, ୨୩।୮ (ଅମିତାଭ ବେହେରା)

କୋରାପୁଟ ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ରେଳ ଓଭର ବ୍ରିଜରେ ଏକ ଟ୍ୟାଙ୍କର ଶୁକ୍ରବାର ଲାଗିଯିବା ଯୋଗୁ ଶତାଧିକ ଗାଡି ରାସ୍ତାରେ ଅଟକି ରହିବା ଦେଖିବାକୁ ମିଳିଥିଲା। କୋରାପୁଟରୁ ବିଶାଖାପାଟଣା ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ କୋରାପୁଟ ସଦର ଥାନା ନିକଟରେ ଥିବା ରେଳ ଓଭର ବ୍ରିଜରେ ବିଶାଖାପାଟଣାରୁ ଆସୁଥିବା ଏକ ଟ୍ୟାଙ୍କର ଲାଗିଯାଇଥିଲା। ଫଳରେ ଶତାଧିକ ଗାଡି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା। ଶେଷରେ ଟ୍ୟାଙ୍କରକୁ ପଞ୍ଚର କରାଯାଇ ବାହାର କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏପରି ଘଟଣା ବାରମ୍ବାର ଘଟୁଥିବା ବେଳେ ରେଳ ବିଭାଗ ପକ୍ଷରୁ ଏ ନେଇ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉନଥିବା ଯୋଗୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲା ପରିଷଦ ଅଧ୍ୟକ୍ଷା



କୋରାପୁଟ,୨୩।୮ (ଅମିତାଭ ବେହେରା)

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲା ପରିଷଦ ସଭାପତି ସସ୍ମିତା ମେଲେକା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ର ନୂତନ ଗୃହଗୁଡିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଜଲା ପରିଷଦ ସଦସ୍ୟ ଏବଂ ବ୍ଲକ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ କିପରି ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡିବ ବୋଲି ଜିଲା ପରିଷଦ ସଭାପତି ସସ୍ମିତା ମେଲେକା କହିଛନ୍ତି। ଜିଲା ପରିଷଦ ଉପ ସଭାପତି ରାଧା ବିନୋଦ ସାମନ୍ତରାୟଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କାନ୍ତି ସାମଲଙ୍କ ସହ ସମସ୍ତ ବିଡ଼ିଓ ଏବଂ ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ। କୋରାପୁଟ ଜିଲା ପରିଷଦ ଏପିଡି ଗୌରୀ ଶଙ୍କର ସାହୁ ଯୋଗଦେଇ ପରିଚାଳନା କରିଥିଲେ।

### ଏମ୍‌କେସିଜି ପଛ ଫାଟକ ଗଳାବାଟ ବନ୍ଦ

ବ୍ରହ୍ମପୁର,୨୩।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କ୍ୟାମ୍ପସର ଦ୍ୱିତୀୟ ଫାଟକ ତଥା ପଛ ଫାଟକରେ ଥିବା ଗଳା ବାଟକୁ ସିମେଣ୍ଟ କାନ୍ଥ ଉଠାଇ ବନ୍ଦ କରିଦିଆଯାଇଛି । ଏହି ଗଳାବାଟ ଦେଇ ପ୍ରତ୍ୟେକ ଦିନ ଶହଶହ ଲୋକ ଯାତାୟାତ କରୁଥିଲେ । ଯେଉଁଥିପାଇଁ କ୍ୟାମ୍ପସରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଥିଲା ବୋଲି ଅଭିଯୋଗ ହୋଇଥିଲା ।ସେହିପରି ଏମକେସିଜିର ଏମବିବିଏସ ଛାତ୍ରୀଛାତ୍ର ଓ ଜୁନିୟର ଡାକ୍ତର ସଂଘ ପକ୍ଷରୁ ତାହାକୁ ବନ୍ଦ କରିବାକୁ ବାରମ୍ବାର ଦାବି କରାଯାଉଥିଲା । ସେହିକ୍ରମରେ ଏମକେସିଜି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ଫାଟକର ଦୁଇ ପାର୍ଶ୍ୱରେ ଥିବା ଗଳାବାଟରେ ସିମେଣ୍ଟ କାନ୍ଥ ଉଠାଯାଇଛି । ଅନ୍ୟପକ୍ଷରେ ଆଗାମୀ ଦିନରେ ଖେଳପଡିଆ ଠାରୁ ଏମକେସିଜି ହଷ୍ଟେଲ ଦେଇ ସିଦ୍ଧାର୍ଥନଗର ଆଡକୁ ଲମ୍ବିଥିବା ରାସ୍ତାରେ ଏକ ଫାଟକ ନିର୍ମାଣ କରାଯିବ ବୋଲି ଯୋଜନା ରହିଛି। ସେହିପରି ବିଭିନ୍ନ ସ୍ଥାନରେ ଏମକେସିଜିର ପାଚେରୀ ଭାଙ୍ଗି ଯେଉଁ ଗଳାବାଟ ରହିଛି ସେଗୁଡ଼ିକ ମଧ୍ୟ ବନ୍ଦ କରାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

# ନାରାୟଣପାଟଣାରେ ଆତଙ୍କ ଖେଳାଇଛି ଡେଙ୍ଗୁ

**୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ, ଜଣେ ମହିଳା ମୃତ**

ନାରାୟଣପାଟଣା ୨୩।୮ (ରାଜ କିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକରେ ବର୍ତ୍ତମାନ ଡେଙ୍ଗୁ ଆତଙ୍କ ଖେଳାଇଛି। ଗତ କିଛିଦିନ ମଧ୍ୟରେ ବ୍ଲକରେ ଏକାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାଉରିସାହିର ସରସ୍ୱତୀ (୪୮)। ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଆନ୍ଧ୍ରର ପାର୍ବତୀପୁରମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ବିଶେଷ କରି ବ୍ଲକର ନ୍ୟୁ କଲୋନୀ,ମେନରୋଡ଼ ଓ ବାଉରୀ ସାହିରେ ଡେଙ୍ଗୁର ପ୍ରଭାବ ଦେଖିବାକୁ ମିଳିଛି। ଡେଙ୍ଗୁ ଚିହ୍ନଟ ପାଇଁ ବ୍ଲକ ଅଞ୍ଚଳରେ ସେପରି କୌଣସି ସୁବିଧା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ନ ଥିବାରୁ ଅଞ୍ଚଳବାସୀ ପଡୋଶୀ ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି। ରୋଗୀଙ୍କ ସ୍ଥିତିକୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଉଥିବା ବେଳେ ଏହା ଦୂର ହେଉଥିବାରୁ ଅନେକ ଆନ୍ଧ୍ର ଅଭିମୁଖେ ଯାଉଛନ୍ତି। ନିୟୁ କୋଲନୀ ନାଳ ଏବଂ କଣ୍ଡିଆ ସାହିଠାରୁ ବାଉରୀ ସାହି ମଧ୍ୟରେ ଥିବା ନାଳ ମଇଳା ପାଣି ନିଷ୍କାସନ ହୋଇ ନ ପାରିବା ଡେଙ୍ଗୁର କାରଣ ସାଜିଛି ବୋଲି କୁହାଯାଉଛି। ଗତ ୧୫ ଦିନ ମଧ୍ୟରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେସରକାରୀ ଭାବେ କୁହାଯାଉଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ୫୦ ହିତାଧିକାରୀ ପାଇଲେ ପଟ୍ଟା




ହିତାଧିକାରୀଙ୍କୁ ପଟ୍ଟାବଣ୍ଟନ କରାଯାଉଛି ।

**ମୋ ଜଙ୍ଗଲ ଜମି ସପ୍ତାହ**

କୁନ୍ଦୁରା,୨୩।୮ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ତହସିଲ କାର୍ଯ୍ୟାଳୟଠାରେ ଜଙ୍ଗଲ ଅଧିକାର ଆଇନ-୨୦୦୬ ସପ୍ତାହ ପାଳିତ ହୋଇଯାଇଛି। ମୋ ଜଙ୍ଗଲ ଜମି ଯୋଜନା କାର୍ଯ୍ୟକ୍ରମରେ ୫୦ ହିତାଧିକାରୀ ପଟ୍ଟା ପାଇଛନ୍ତି। ସେମାନଙ୍କୁ ଚାରାଟିଏ ରୋପଣ କରିବା ଲାଗି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେଶ୍ୱରୀ ପରଜା, ତହସିଲଦାର ବିନୋଦ ଚନ୍ଦ୍ର ନାୟକ, ଅତିରିକ୍ତ ବନଖଣ୍ଡ ଅଧିକାରୀ, ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି, ମହିଳା ମହାସଂଘ ସଭାପତି ଚନ୍ଦ୍ର ସଗରିଆ, ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ଜଙ୍ଗଲ କାଟି ନଷ୍ଟ କରାଯାଉଥିବାରୁ ଖରା, ବର୍ଷା ଏବଂ ଶୀତ ସମାନ ହେଉନାହିଁ। ପରିବେଶ ସନ୍ତୁଳନ ରକ୍ଷା ବିଗିଡ଼ିବାରେ ଲାଗିଛି। ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ନିଜ ପାଇଁ ଗଛଟିଏ ଲଗାଇବାକୁ ତହସିଲଦାର ନାୟକ ଓ ବନଖଣ୍ଡ ଅଧିକାରୀ ନିବେଦନ କରିଥିଲେ।

# ଗ୍ରାମ ପଞ୍ଚାୟତ ପିଅନ ମହାସଂଘର ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପିଅନ ସଂଘ କର୍ମକର୍ତ୍ତା।

କୋରାପୁଟ,୨୩।୮ (ଅମିତାଭ ବେହେରା)

ଓଡିଶା ଗ୍ରାମ ପଞ୍ଚାୟତ ପିଅନ ମହାସଂଘ କୋରାପୁଟ ଜିଲା ଶାଖା ପକ୍ଷରୁ ଶୁକ୍ରବାର ୧୦ ଦଫା ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ମହାସଂଘ କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପୂଜାରୀଙ୍କ ନେତୃତ୍ୱରେ ଶତାଧିକ ପଞ୍ଚାୟତ ପିଅନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିଅନମାନେ ଦୀର୍ଘ ବର୍ଷ ଧରି ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। କାର୍ଯ୍ୟରତ ପିଅନମାନଙ୍କୁ ସ୍ଥାୟୀ ଚାକିରି ମାନ୍ୟତା ଦେବା, ସରକାରଙ୍କ ଦୈନିକ ମଜୁରୀ ହିସାବରେ ମାସିକ ଦରମା ଦେବା, ସେମାନଙ୍କୁ ବୀମାଭୁକ୍ତ କରି ସାମାଜିକ ସୁରକ୍ଷା ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଚାକିରିରେ ପଦୋନ୍ନତି, ୬୦ ବର୍ଷରେ ପେନସନ ଲାଗୁକରିବା ଆଦି ୧୦ ଦଫା ଦାବି ନେଇ ସେମାନେ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କାର୍ଯ୍ୟକାରୀ ସମ୍ପାଦକ ସୁରେଶ ପାଇକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ମାଲୁସାଉନ୍ତାରେ ଜାତୀୟ ମହାକାଶ ଦିବସ

ଦାମନଯୋଡି,୨୩।୮ (ମାନସ ରଞ୍ଜନ କର)

ଦାମନଯୋଡିସ୍ଥିତ ମାଲୁସାଉନ୍ତା ସରକାରୀ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଥମରୁ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହାକାଶ ଏବଂ ଚନ୍ଦ୍ରାୟନ ପରୀକ୍ଷଣ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ କେ.ରାଜେଶ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ରଶ୍ମୀରଞ୍ଜନ ସେଠୀ ଧନ୍ୟବାଦ ଦେଇ ଭବିଷ୍ୟତରେ ଜଣେ ଜଣେ ମହାକାଶ ବିଜ୍ଞାନୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

### ଠିକାଦାରଙ୍କୁ ଧମକଦେଇ ଜଣେ ଗିରଫ

ଜୟପୁର, ୨୩।୮ (ପବନ ପାଣିଗ୍ରାହୀ)

ଜଣେ ଠିକାଦାରଙ୍କୁ ଧମକଚମକ ଦେଇ ଲୁଟ୍ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ସେ ହେଲେ ବଡ଼କାଉଡ଼ି ଗ୍ରାମର ବାବୁଲି ଡମ୍ବ (୩୨)। ପୋଲିସ ସୂଚନା ଅନୁଯାୟୀ, ଜାମୁଣ୍ଡାରେ ରହୁଥିବା ଠିକାଦାର ପ୍ରସନ୍ନ ପାତ୍ର ହରିଡ଼ାପୁଟରୁ କୁସୁମୀ ରାସ୍ତା ନିର୍ମାଣ କରୁଛନ୍ତି। ତାଙ୍କୁ ବାବୁଲି ୨୮ତାରିଖ ରାତିରେ ଫୋନରେ ଧମକଚମକ ଦେଇ ଜୀବନରୁ ମାରିଦେବାକୁ କହିଥିଲେ। କଙ୍ଗା ଗ୍ରାମ ନିକଟକୁ ଆସି ଖଣ୍ଡା ଦେଖାଇ ତାଙ୍କୁ ଡରାଇଥିଲେ। ଅଭିଯୁକ୍ତ ତାଙ୍କ ବୋଲେରୋ କାଚ ଭାଙ୍ଗିଦେବା ସହ ବ୍ୟାଟେରି ଲୁଟି ନେଇଥିଲେ। ଏନେଇ ପ୍ରସନ୍ନ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ତଦନ୍ତରୁ ବାବୁଲିଙ୍କ ସମ୍ପୃକ୍ତି ସ୍ପଷ୍ଟହେବା ପରେ ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି। ଅଭିଯୁକ୍ତଙ୍କଠାରୁ ୨ଟି ଷ୍ଟିଡି ଟେବୁଲ, ବୋଲେରୋ ଗାଡ଼ି ଜବତ ହୋଇଛି।

# ହିନ୍ଦୁ ଜାଗରଣ ସମିତି ପକ୍ଷରୁ ଶୋଭାଯାତ୍ରା

କୋଟପାଡ଼,୨୩।୮ (କେ.ରାଜଶେଖର ରାଓ)



କୋଟପାଡ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ଶୁକ୍ରବାର ହିନ୍ଦୁ ଜାଗରଣ ସମିତି ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଭାରତରେ ବସବାସ କରୁଥିବା ବାଂଲାଦେଶୀଙ୍କୁ ବିଦାକରିବା ଦାବିରେ ଏହି ଶୋଭାଯାତ୍ରା ହୋଇଥିଲା। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ପ୍ରତିବାଦ କରାଯାଇ କୋରାପୁଟ ଜିଲାରେ ଅନୁପ୍ରବେଶ କରି ବସବାସ କରୁଥିବା ବାଂଲାଦେଶୀଙ୍କୁ ତଡିବା ଲାଗି ଦାବି କରାଯାଇଥିଲା। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଫେରିବାଲା, ମିସ୍ତ୍ରି ତଥା ଅନ୍ୟାନ୍ୟ ବ୍ୟବସାୟକରି ରହୁଥିବା ବାଂଲାଦେଶୀ ନିରୀହ ଲୋକଙ୍କୁ ଠକି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏମାନଙ୍କୁ ଚିହ୍ନଟକରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର ଓ କୋଟପାଡ଼ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ କୋଟପାଡ଼ ହିନ୍ଦୁ ଜାଗରଣ ସମିତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ମିନୁ ରଥ, ରାଜମୋହନ ମହାନ୍ତି, ଭୀମ ମାଝୀ, ଆଶୁତୋଷ ମହାପାତ୍ର, ଦୀପକ ପଟ୍ଟନାୟକ, ତ୍ରିପତି ବାଗାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଫାଶରୁ ଉଦ୍ଧାର କୃଷ୍ଣସାର ମୃଗର ମୃତ୍ୟୁ

ବୁଗୁଡ଼ା,୨୩।୮ (କାଳିଚରଣ ଦାଶ)- ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ତାଳସାକର-ବୁରୁଖୋଲା ରାସ୍ତାକଡ ବିଲରେ ବିଛା ଯାଇଥିବା ଲୁହାତାର ଫାଶରେ ପଡିଥିବା ୭ ବର୍ଷର ଏକ ଅଣ୍ଡିରା କୃଷ୍ଣସାର ମୃଗର ମୃତ୍ୟୁ ହୋଇଛି। ଗୁରୁବାର ଅପରାହ୍ନରେ କୃଷ୍ଣସାର ମୃଗ ଦଳ ବିଚରଣ କରୁଥିବା ବେଳେ ସେଥିମଧ୍ୟରୁ ଗୋଟିଏ ବିଲମାଳରେ ବିଛା ଯାଇଥିବା ତାର ଫାଶରେ ଛନ୍ଦି ହୋଇଯାଇଥିଲା। ବୁଲା କୁକୁର ପଲ ତାହାକୁ ଆକ୍ରମଣ କରୁଥିବା ବେଳେ ରାସ୍ତାରେ ଯାଉଥିବା ଲୋକଙ୍କ ନଜରକୁ ଆସିଥିଲା। ମୃଗଟି ଛଟପଟ ହେଉଥିବା ବେଳେ ଲୋକେ ତାହାକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଆହତ ମୃଗଟିକୁ ଆଣି କାର୍ଯ୍ୟାଳୟରେ ଚିକିତ୍ସା କରିଥିଲେ ମଧ୍ୟ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଥିବା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର କହିଛନ୍ତି।

# ମାଥାଲପୁଟରେ ଆୟୁଷ୍ମାନ ଆରୋଗ୍ୟ ଶିବିର




ଶିବିରରେ ଚିକିତ୍ସିତ ହେଉଥିବା ରୋଗୀ।

ଦାମନଯୋଡି,୨୩।୮ (ମାନସ ରଞ୍ଜନ କର)

କୋରାପୁଟ ବ୍ଲକ୍ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିନା ମୂଲ୍ୟରେ ବିଭିନ୍ନ ରୋଗ ଚିହ୍ନଟ, ବିଶେଷଜ୍ଞ ଡାକ୍ତରଙ୍କ ଚିକିତ୍ସା, ବିଭିନ୍ନ ପରୀକ୍ଷା, ଔଷଧ ବିତରଣ, ଅଣ ସଂକ୍ରାମକ ରୋଗ ଚିହ୍ନଟ, ଯୋଗ ଓ ଆରୋଗ୍ୟ ଅଧିବେଶନ ଓ ସ୍ୱାସ୍ଥ୍ୟସେବା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। ଆଖପାଖ ଅଞ୍ଚଳରୁ ୨୪୦ ଜଣ ରୋଗୀ ଶିବିରରେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ ଟପ୍ପୋଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସନ୍ତୋଷ ପଣ୍ଡା, ଶିଶୁରୋଗ ବିଶେଷଜ୍ଞ ଡା. ଶମ୍ଭୁଶଙ୍କର ପାତ୍ର, ଡା. ଜ୍ଞାନପ୍ରକାଶ ବିଷୋୟୀ, ଡା. ସସ୍ମିତ ବଳ, ଡା.ମାର୍ଶାଲିନ ବିଶ୍ୱାଳ ଓ ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ପ୍ରମୁଖ ରୋଗୀ ଚିକିତ୍ସା କରି ଔଷଧ ବିତରଣ କରିଥିଲେ। ପ୍ରତି ମାସର ଚତୁର୍ଥ ଶୁକ୍ରବାର ଓପିଡିରେ ଏହି ସାସ୍ଥ୍ୟ ଶିବିର ହେବ ବୋଲି ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଜ୍ଞାନପ୍ରକାଶ ବିଶୋୟୀ ରୋଗୀମାନଙ୍କୁ ସୂଚନା ଦେଇଥିଲେ।

# ଭୁଶୁଡ଼ିଲା କୋରାପୁଟ ବସ୍‌ଷ୍ଟାଣ୍ଡ ଉପର ମହଲା କାନ୍ଥ: ବର୍ତ୍ତିଲେ ଯାତ୍ରୀ

କୋରାପୁଟ,୨୩।୮ (ଅମିତାଭ ବେହେରା)



ଭୁଶୁଡି ପଡିଥିବା ବସ୍‌ଷ୍ଟାଣ୍ଡ କାନ୍ଥ ।

କୋରାପୁଟ ବସ୍‌ଷ୍ଟାଣ୍ଡ ଉପର ମହଲା କାନ୍ଥ ଶୁକ୍ରବାର ସନ୍ଧ୍ୟାରେ ଭୁଶୁଡି ପଡ଼ିଛି। ସୌଭାଗ୍ୟ ବଶତଃ ତଳେ ବସିଥିବା ଯାତ୍ରୀମାନେ ରକ୍ଷାପାଇ ଯାଇଛନ୍ତି। ସୂଚନାଯୋଗ୍ୟ, ୧୯୯୩ ରେ ବସ୍‌ଷ୍ଟାଣ୍ଡକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ପୌର ପରିଷଦକୁ ଦିଆଯାଇଥିଲା। ପୌର ପରିଷଦ ଦାୟିତ୍ୱ ନେବାପରେ ବସ୍‌ଷ୍ଟାଣ୍ଡ ଉପର ମହଲା ନିର୍ମାଣ କରାଯାଇଥିଲା। କିନ୍ତୁ ଏହାର ରକ୍ଷଣାବେକ୍ଷଣା ଅଭାବରୁ ବିଭିନ୍ନ ସମୟରେ ଝରକା ଏବଂ ଇଟା କାନ୍ଥ ଭୁଶୁଡି ପଡୁଛି। କିଛିଦିନ ତଳେ ଏକ ବସ୍ ଉପରେ କାନ୍ଥ ପଡ଼ିଥିବା ବେଳେ ଶୁକ୍ରବାର ଅପରାହ୍ନରେ ଅନ୍ୟ ଏକ ବସ୍ ଉପରେ କାନ୍ଥ ଭୁଶୁଡି ପଡିଥିଲା। ଫଳରେ ତଳେ ଥିବା ଯାତ୍ରୀମାନେ ରକ୍ଷା ପାଇଯାଇଥିଲେ। ବାରମ୍ବାର ଏପ୍ରକାର ଘଟୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କେତେବେଳେ କେଉଁ ଅଘଟଣ ଘଟିବା ତାହା କହିହେବନି। ଏଣୁ ଏଥିପ୍ରତି ପ୍ରଶାସନ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଏନେଇ କୋରାପୁଟ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ରଙ୍କୁ ପଚାରିବାରୁ ଏ ନେଇ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ।

# ଲିଗାଲ ଲିଟେରାସି କ୍ଲବ୍ ପ୍ରତିଷ୍ଠା

ବୋରିଗୁମ୍ମା,୨୩।୮ (ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମା ବ୍ଲକସ୍ଥିତ ତରଭଟା ନରସିଂହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସିଏସ୍‌ଇଏନ୍‌ଆର୍ ପକ୍ଷରୁ ଏକ ଲିଗାଲ ଲିଟେରାସି କ୍ଲବ ସ୍ଥାପିତ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷ ପ୍ରଫେସର ଆନନ୍ଦ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ। ସିଏସ୍‌ଇଏନ୍‌ଆର୍‌ର ଅଜୟ ଖସଲା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ବାଲ୍ୟବିବାହ କିପରି ରୋକାଯାଇପାରିବ, ମହିଳା, ଶିଶୁ, ଭିନ୍ନକ୍ଷମ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ କିପରି ସହଜରେ ଆଇନ ସହାୟତା ପାଇପାରିବେ ସେନେଇ ବୁଝାଇଥିଲେ। ଆଗାମୀ ଦିନରେ ଲିଗାଲ ଲିଟେରାସି କ୍ଲବ୍ ପକ୍ଷରୁ କିପରି ଏଫ୍‌ଆଇଆର୍ ଲେଖାଯିବ ଏବଂ କୌଣସି ଘଟଣାର ଜରୁରୀ ପରିସ୍ଥିତିରେ କିପରି ଉପସ୍ଥିତ ଅଧିକାରୀଙ୍କୁ ଅବଗତ କରାଇ ନ୍ୟାୟ ପାଇପାରିବ ସେନେଇ ଶିକ୍ଷା ପ୍ରଦାନ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ପ୍ରଫେସର ଆନନ୍ଦ ଚକ୍ରବର୍ତ୍ତୀ, ସୁନୀଲ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ।

# ଗୋରୁ ସାଜିଛନ୍ତି ଦୁର୍ଘଟଣାର କାରଣ

**ଜିଲା, ପୌର ପ୍ରଶାସନ ନୀରବ**

ସୁନାବେଡ଼ା/ସେମିଳିଗୁଡ଼ା,୨୩।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ରାସ୍ତାରେ ଗୋରୁ ।

କୋରାପୁଟ ଜିଲାର ସୁନାବେଡ଼ା ଓ ସେମିଳିଗୁଡ଼ା ସହରାଞ୍ଚଳରେ ଦିନକୁ ଦିନ ଦୁର୍ଘଟଣାମାନ ବଢି ଚାଲିଛି। ଗୋରୁଙ୍କ ପାଇଁ ଅଧିକ ଦୁର୍ଘଟଣା ଘଟୁଥିବା କୁହାଯାଉଛି। ଏଥିପାଇଁ ଅନେକ ଧନ ଜୀବନ ହାନି ହେଉଛି। ଜିଲା ପ୍ରଶାସନ କି ପୌର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନର କୌଣସି ନିୟମ ନ ଥିବାରୁ ଲୋକେ ନିଜ ଗୃହପାଳିତ ପ୍ରାଣୀଙ୍କୁ ବାହାରକୁ ଛାଡି ଦେଉଛନ୍ତି। ସେମାନେ ବିଭିନ୍ନ ରାସ୍ତାଘାଟକୁ ସୁରକ୍ଷିତ ଆଶ୍ରୟ ସ୍ଥଳ ରୂପେ ବାଛି ନେଉଛନ୍ତି। ଏହାଦ୍ୱାରା ଯାତାୟାତ କରୁଥିବା ଲୋକେ ଗୋରୁଙ୍କ ପାଇଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗୋରୁ ପାଳିଥିବା ମାଲିକମାନେ ଗୋରୁଙ୍କୁ ଗୁହାଳରେ ନ ରଖି ବାହାରକୁ ଛାଡ଼ିଦେଉଛନ୍ତି। ପୌର ପ୍ରଶାସନ ବୁଲାଗୋରୁଙ୍କ ପାଇଁ କାଞ୍ଜିଆହୁଦା ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ନୀରବ ରହିଥିଲା। ପୌର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଏପରି ସମସ୍ୟା ବିଷୟରେ ଅବଗତ ଅଛି । ପୌରାଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯିବ। ଗୁହାଳରେ ଗୋରୁ ନ ରଖିଲେ ଏଣିକି ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପାତ୍ର କହିଛନ୍ତି।

**ସଂକ୍ଷେପରେ**

## ପାଠପଢ଼ା ପାଇଁ ଗରିବ ଛାତ୍ରଙ୍କୁ ସହାୟତାକଲେ ବିଡିଓ



ତେନ୍ତୁଳିଖୁଣ୍ଟି,୨୩।୮ (ଚିଦାନନ୍ଦ ସାହୁ )

ଜଣେ ଗରିବ ଛାତ୍ରଙ୍କୁ ପାଠପଢ଼ା ପାଇଁ ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ଆର୍ଥିକ ସହାୟତା କରିଛନ୍ତି। ତେନ୍ତୁଳିଖୁଣ୍ଟି ଅଞ୍ଚଳର ଚିଣ୍ଟୁ ନାଗ ଅର୍ଥ ଅଭାବରୁ ଯୁକ୍ତ ୨ରେ ନାମ ଲେଖାଇବାକୁ ଅସମର୍ଥ ଥିଲେ। ଏ ଖବର ଶୁଣି ବିଡିଓ ପାଣିଗ୍ରାହୀ ଚିଣ୍ଟୁଙ୍କୁ ଡକାଇ କଲେଜରେ ନାମ ଲେଖାଇବା ନିମନ୍ତେ ୭୫୦୦ ଟଙ୍କା ପ୍ରଦାନ କରିଛନ୍ତି । ଅସହାୟ, ଗରିବ ଦୁଃଖୀଙ୍କୁ ଗୁରୁତ୍ୱପୂର୍ଣ୍ଣ ସମୟରେ ସାହାଯ୍ୟର ହାତ ବଢ଼ାଇ ମାନବିକତା ଦେଖାଇଥିବାରୁ ସାଧାରଣରେ ଏହାକୁ ପ୍ରଶଂସା କରାଯାଉଛି।

# କରଡ଼ି ପାଇଁ ଲୋପପାଉଛି ବାଉଁଶବଂଶ

ନବରଙ୍ଗପୁର,୨୩।୮ (ସଦାଶିବ ପ୍ରହରାଜ)



କରଡ଼ି କିଣିବା ପାଇଁ ଲୋକଙ୍କ ଭିଡ଼ ଜମିଛି।

ସ୍ୱାଦିଷ୍ଟ ଖାଦ୍ୟ ଭାବେ କରଡ଼ିକୁ ଅନେକ ଲୋକ ପସନ୍ଦ କରିଥାନ୍ତି। କରଡ଼ିର ଚାହିଦାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲାକୁ କଳାହାଣ୍ଡି ଜିଲାରୁ ପ୍ରତ୍ୟେକ ଦିନ ଶତାଧିକ ବସ୍ତା କରଡି ବିଭିନ୍ନ ଗାଡ଼ିରେ ଆସୁଛି। ଅନ୍ୟପକ୍ଷରେ ଲୋକଙ୍କ ଖାଇବା ଚାହିଦା ଯୋଗୁ ଜଙ୍ଗଲରୁ ବାଉଁଶ ବଂଶ ଲୋପ ପାଇବାରେ ଲାଗିଛି ।

ପ୍ରତ୍ୟେକ ଦିନ ସକାଳୁ କଳାହାଣ୍ଡି ଜିଲାରୁ ଟ୍ରକ୍ ଏବଂ ଅନ୍ୟ ଗାଡ଼ି ଯୋଗେ ବାଉଁଶ କରଡ଼ି ଭର୍ତ୍ତିହୋଇ ନବରଙ୍ଗପୁର ସହରକୁ ଆସୁଛି । ଏହାକୁ କିଣିବା ପାଇଁ ଦୈନିକ କୃଷକ ବଜାରରେ ଲୋକଙ୍କର ମଧ୍ୟ ଭିଡ଼ ଜମୁଛି । ପ୍ରତି ପ୍ୟାକେଟରେ ଗୋଟା କରଡ଼ି ୧୫ରୁ ୧୬ କିଲୋ ଓଜନରେ ସାଇଜ କରି ଅଣାଯାଉଛି । ବିଶେଷକରି କଳାହାଣ୍ଡି ଜିଲାରୁ ନବରଙ୍ଗପୁର ଜିଲାର ଖାତିଗୁଡା, ତେନ୍ତୁଳିଖୁଣ୍ଟି ଆଦି ରାସ୍ତାଦେଇ ନବରଙ୍ଗପୁର ସହରକୁ ପରିବହନ ହେଉଛି। ବଜାରରେ ଏହାକୁ କିଣିବା ପାଇଁ ମହିଳା ବ୍ୟବସାୟୀଙ୍କ ଯେତିକି ଭିଡ଼ ଗୋଟା କରଡ଼ି କିଣିବା ପାଇଁ ଲୋକଙ୍କ ମଧ୍ୟ ଭିଡ଼ କିଛି କମ୍ ନୁହେଁ । କରଡ଼ିରେ ଅନ୍ୟାନ୍ୟ ପୋଷକତତ୍ତ୍ୱ ଆମିନୋ ଏସିଡ୍, ଫାଇବର ଆଦି ଥିବାରୁ ବହୁ ରୋଗୀଙ୍କୁ କରଡ଼ି ଖାଇବା ପାଇଁ ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି । କେତେକେ କରଡ଼ିକୁ ଶୁଖାଇ ପାଉଡର କରି ରଖନ୍ତି । ସ୍ୱାଦ ବଢ଼ାଇବା ପାଇଁ ପ୍ରସ୍ତୁତ ତରକାରିରେ ମିଶାଇ ଖାଇଥାନ୍ତି । ଗୁଣରେ କ୍ୟାଲୋରି ଏବଂ କାର୍ବୋହାଇଡ୍ରେଟ୍ ମଧ୍ୟ କମ୍ ଥାଏ। ଏଥିରେ ସୁସ୍ଥ ପରିମାଣର ପ୍ରୋଟିନ ମିଳିବା ସହ ଚର୍ବି ସନ୍ତୁଳିତ କରିଥାଏ । ୧୫୫ ଗ୍ରାମ କରଡ଼ି ଗୁଣରେ ୬୪ ଗ୍ରାମ କ୍ୟାଲୋରି, ୨ ଗ୍ରାମ ପ୍ରୋଟିନ, ୪.୫ ଗ୍ରାମ ଚର୍ବି, ୫ ଗ୍ରାମ କାର୍ବୋହାଇଡ୍ରେଟ୍ ଓ ୨ ଗ୍ରାମ ଫାଇବର ଥାଏ । ଅନ୍ୟପକ୍ଷରେ ବାଉଁଶ କରଡ଼ିରେ କିଛି ପରିମାଣର ବିଷାକ୍ତ ତତ୍ତ୍ୱ ମଧ୍ୟ ରହିଛି । ଏହାକୁ ଗାଇଟ୍ରୋଜେନିକ ଭାବରେ ମଧ୍ୟ ବିବେଚନା କରାଯାଏ । ତେଣୁ ପ୍ରଥମେ ଏହାକୁ ରୋଷେଇକରିବା ଦ୍ୱାରା ବିଷାକ୍ତ ପରିମାଣ ହ୍ରାସ ହୋଇଥାଏ । ଯଦି ଏହାକୁ ଠିକ୍ ଭାବେ ପ୍ରସ୍ତୁତ କରା ନ ଯାଏ ତେବେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ମଧ୍ୟ ହୋଇଥାଏ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଳୟ କୁମାର ତ୍ରିପାଠୀଙ୍କୁ ପଚାରିବାରୁ କରଡି ଖାଇବାରେ ଅସୁବିଧା ନାହିଁ । ଅଳ୍ପ ମାତ୍ରାରେ ଖାଇପାରିବେ । ଫାଇବର ଓ କିଛି ଭିଟାମିନ ରହିଛି । ଏହା ଖାଇବା ଦ୍ୱାରା ଝାଡ଼ା ସଫା ହୋଇଥାଏ । କିନ୍ତୁ କରଡ଼ିକୁ ଅଧିକ ଦିନ ପାଣିରେ ରଖି ତାହାକୁ ଶଢ଼ାଇ ତା'ପରେ ରୋଷେଇକରି କେତେକେ ଖାଉଛନ୍ତି । ଏଭଳି ପ୍ରକ୍ରିୟା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ ବୋଲି ଡାକ୍ତର ତ୍ରିପାଠୀ କହିଛନ୍ତି ।

## ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ

ପାପଡ଼ାହାଣ୍ଡି, ୨୩।୮ (ସ୍ୱପ୍ନଜିତ ପଟ୍ଟନାୟକ)



ବନ ବିଭାଗ କର୍ମଚାରୀଙ୍କ ସହ ଗିରଫ ଅଭିଯୁକ୍ତ ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମଇଦଲପୁର ଓ ଡାବୁଗାଁ ବନ ବିଭାଗ ମିଳିତ ଚଢ଼ାଉକରି ଜଣେ ଶିକାରୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ମଇଦଲପୁର ଥାନା ଗୋପିଗୁଡ଼ା ଗ୍ରାମର ଧନୁର୍ଯ୍ୟୟ ବାଣୁଆ।

ସୂଚନା ପ୍ରକାରେ ଧନୁର୍ଯ୍ୟୟ ଓ ତାଙ୍କ ସହଯୋଗୀ ଗୁରୁବାର ରାତିରେ ବାର୍ଲି ଜଙ୍ଗଲରେ ବନ୍ୟଜନ୍ତୁ ଶିକାର କରିବାକୁ ଯାଇଥିଲେ। କୌଣସି ସୂତ୍ରରୁ ମଇଦଲପୁର ଓ ଡାବୁଗାଁ ବନ ବିଭାଗ ଖବରପାଇ ଗୁରୁବାର ବିଳମ୍ବିତ ରାତିରେ ବାର୍ଲି ଜଙ୍ଗଲରେ ଚଢ଼ାଉ କରିଥିଲେ। ବନ ବିଭାଗ ଧନୁର୍ଯ୍ୟୟଙ୍କୁ କାବୁ କରିଥିବାବେଳେ ଅନ୍ୟ ସହଯୋଗୀମାନେ ସେଠାରୁ ଖସି ଚାଲିଯାଇଥିଲେ । ଏ ନେଇ ବନ ବିଭାଗ କେସ୍ ନଂ. ୧୦୬/୨୪ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ମଇଦଲପୁର ବନ ବିଭାଗ ଅଧିକାରୀ ମଧୁସୂଦନ ପାତ୍ର ସୂଚନା ଦେଇଛନ୍ତି। ଏହି ଚଢ଼ାଉ ସମୟରେ ପ୍ରଶାନ୍ତ ନାୟକ, କୋରେଶ ବିଶୋଇ,ବୈଦନାଥ ମାଝୀ, ଝାଡେଶ୍ୱର ହରିଜନ, ଜୟନ୍ତ ମାଝୀ, ବୁଦ୍ଧୁରାମ ଶବର, ମୋତିରାମ ନାୟକ ଓ କହ୍ନେଇ ନାୟକ ପ୍ରମୁଖ ସାମିଲ ଥିଲେ ।

## ୩୭ କଇଁଛ ଜବତ, ୨ କୋର୍ଟ ଚାଲାଣ




ଉଦ୍ଧାର ହୋଇଥିବା କଇଁଛ।

ଝରୀଗାଁ,୨୩।୮ (କିଶୋର ଚନ୍ଦ୍ର ମଣ୍ଡଳ)

ଝରୀଗାଁ ବନ ବିଭାଗ କଂଗ୍ରା ବିଟରେ ପାଟ୍ରୋଲିଂ ସମୟରେ ୩୭ଟି କଇଁଛ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ପ୍ରକାରେ, ଉମରକୋଟ ଅଞ୍ଚଳ ଗ୍ରାମର ୨କଇଁଛ ଚାଲାଣକାରୀ ଦୀପଙ୍କର ରାୟ (୪୦) ଏବଂ କମଳ ଗଣ୍ଡ (୩୨) ଏକ ବାଇକରେ କଳାହାଣ୍ଡି ଅଞ୍ଚଳରୁ ୩୭ଟି କଇଁଛ ଧରି ଆସୁଥିଲେ। ଏହି ସମୟରେ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକ, କଂଗ୍ରା ଫରେଷ୍ଟର ଅମିତ କୁମାର ଦାସ, ମୋହରା ଫରେଷ୍ଟର ବିପିନ ହରିଜନ ଓ ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ୩୭ଟି ଜୀବନ୍ତ କଇଁଛ ସହ ଦୁଇ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜେଏମ୍ଏଫସି ବିଚାରପତି ସଂଘମିତ୍ରା ଦ୍ୱିବେଦୀ ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବା ପରେ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି।

## ରାସ୍ତାରେ ଝୁଲି ରହିଛି ଗଛ, ଯାତାୟାତ ବାଧାପ୍ରାପ୍ତ

ପଡିଆ, ୨୩।୮ (ଭାସ୍କର ରାଓ)



ମୁଖ୍ୟ ରାସ୍ତାକୁ ଝୁଲି ରହିଥିବା ପଳାଶ ଗଛ ।

ପଡ଼ିଆ ବ୍ଲକ୍‌କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକଡ଼ରେ ଅଧା ଝୁଲି ରହିଥିବା ଗଛ କଟା ନ ଯିବାରୁ ଦୁର୍ଘଟଣା ଘଟିବା ସମ୍ଭାବନା ସହ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଗତ ମାସକ ତଳେ ଲଗାଣ ବର୍ଷା ଯୋଗୁ ସବୁ ନଦୀନାଳ, ପୋଲ ବୁଡିଯାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହି ସମୟରେ କନ୍ୟାଶ୍ରମ ନିକଟ ପୋଟେରୁ ପୋଲ ବୁଡି ୪ ରୁ ୫ ଫୁଟ ପାଣି ପ୍ରବାହିତ ହେଉଥିଲା। ସେହି ସମୟରେ ମାରାଣପଲ୍ଲୀ ଗ୍ରାମଠାରୁ ପୋଲ ନିକଟ ରାସ୍ତା କଡରେ ଥିବା ଏକ ପଳାଶଗଛ ରାସ୍ତା ଉପରକୁ ଅଧା ଶୋଇପଡ଼ିଥିଲା। ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ସେହି ଗଛଟି ଏ ପର୍ଯ୍ୟନ୍ତ ଶୋଇ ରହିଛି। ଏହି ବାଟ ଦେଇ ବିଭିନ୍ନ ବର୍ଗର ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏହି ରାସ୍ତା ଦେଇ ଦୈନିକ ବହୁ ସଂଖ୍ୟକ ଯାନବାହନ ଚଳାଚଳ କରୁଛି। କେତେବେଳେ ଦୁର୍ଘଟଣା ନ ଘଟିବ ତାହା କହି ହେବ ନାହିଁ। ଏଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଧ୍ୟାନଦେଇ ରାସ୍ତାରୁ ଗଛ କାଟିବା ପାଇଁ ସାଧାରଣରେ ଦାବି ହେଉଛି ।

## ଇନ୍ଦ୍ରାବତୀରେ ପିଏମ୍ ସୁରକ୍ଷିତ ମାତୃତ୍ୱ ଅଭିଯାନ

ତେନ୍ତୁଳିଖୁଣ୍ଟି, ୨୩।୮ (ଚିଦାନନ୍ଦ ସାହୁ)



ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନରେ ଉପସ୍ଥିତ ମହିଳା।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଯୋଜନାରେ ଗର୍ଭବତୀଙ୍କ ସୁରକ୍ଷିତ ସନ୍ତାନ ନିଶ୍ଚିତ କରିବା ପାଇଁ ଆବଶ୍ୟକ ପରୀକ୍ଷା କରାଯିବା ସହ ପରବର୍ତ୍ତୀ ଚିକିତ୍ସା ତଥା ଔଷଧ ଆଦି ଦିଆଯାଇଥାଏ। ବହୁ ବର୍ଷ ପରେ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ୬୦ଜଣ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ବିଶ୍ୱ ପ୍ରକାଶ ନାଏକ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଜନ, ରକ୍ତଚାପ, ହିମୋଗ୍ଲୋବିନ, ଏଚ୍ଆଇଭି ପରୀକ୍ଷା କରାଯାଇଥିଲା। ଗୌଡ଼ ଦେଓପାଲି, ଖାତିଗୁଡ଼ା, କପୁର, ଲମତାଗୁଡ଼ା କେନ୍ଦ୍ରର ସିଏଚ୍ଓ ରୋଜାଲିନ ଦାସ, ପ୍ରଜ୍ଞା ପାରମିତା ମୁଦୁଲି,ଅଞ୍ଜଳି ଭୋଲ, ମେରି ଉଷାରାଣୀ ଉପସ୍ଥିତ ରହି ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଲିନା ନାୟକ, ସସ୍ମିତା ସାହୁ, ଅମ୍ରିତା ପ୍ରିତମ ହିଆଲ, ମୈତ୍ରୀ ନାଏକ ପ୍ରମୁଖ ଏଏନ୍ଏମ୍ ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ତପନ କୁମାର ରାଓଙ୍କ ସୁପରଭିଜନରେ କାର୍ଯ୍ୟ ପରିଚାଳିତ ହୋଇଥିଲା।

## ୧୯ ବର୍ଷରୁ କମ୍ ଜିଲା ମହିଳା ଫୁଟ୍‌ବଲ ଦଳର ବରଗଡ଼ ଗସ୍ତ



ବରଗଡ଼ ଗସ୍ତ ପାଇଁ ଚୟନ ହୋଇଥିବା ଖେଳାଳି।

ନବରଙ୍ଗପୁର,୨୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଜିଲା ଫୁଟବଲ ଦଳର ବରଗଡ଼ ଗସ୍ତ ପାଇଁ ଜିଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏକ ୧୮ ଜଣିଆ ଦଳ ଚୟନ କରିଛନ୍ତି। ଏଥିରେ ଆରତୀ ହରିଜନଙ୍କୁ ଅଧିନାୟକ ଭାବେ ଚୟନ କରାଯାଇଛି। କମକଳା ଜାନୀ, ସୁଭାକା ସୌରା, ତପସ୍ୱିନୀ ଦିସାରୀ, ଗୁଞ୍ଜି ଦରା, ଯାଙ୍କସିନି ହରିଜନ, ମିନତି ଗଣ୍ଡ, ଦେବକୀ ଗଣ୍ଡ, ରଜନ୍ତି ଗଣ୍ଡ, ଜୟାମତି ଗଣ୍ଡ, ବିମଳା ଗଣ୍ଡ, ଭାରତୀ ଗଣ୍ଡ, କମାଲେଶ୍ୱରି ଗଣ୍ଡ, ସନ୍ୟା ଗଣ୍ଡ, ରଞ୍ଜିତା ଗଣ୍ଡ, ଉର୍ମିଳା ଗଣ୍ଡ, ଅଞ୍ଜୁଲତା ଖରା ପ୍ରମୁଖ ଚୟନ ହୋଇଛନ୍ତି। ଦଳ ସହ କୋଚ ଭାବରେ ଦୂର୍ଯ୍ୟ ହରିଜନ ଏବଂ ମ୍ୟାନେଜର ମିନତୀ ଗଣ୍ଡ ଗସ୍ତ କରିବେ ବୋଲି କ୍ରୀଡା ସଂଘର ଉପସଭାପତି ଏମ. ବାଲା କ୍ରୀଷ୍ଣା ରାଓ କହିଛନ୍ତି। ବରଗଡ଼ଠାରେ ଦଳ ଆସନ୍ତା ୨୫ ତାରିଖରେ ମୟୂରଭଞ୍ଜ ସହ ନିଜର ପ୍ରଥମ ମ୍ୟାଚ ଖେଳିବେ ବୋଲି ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସଂଘର ବରିଷ୍ଠ ସଭ୍ୟ ଶଶାଙ୍କ ଶେଖର ବେହେରା, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ଆଥେଲେଟିକ ସମ୍ପାଦକ ଜ୍ୟୋତି ପରିଛା ପ୍ରମୁଖ ସହଯୋଗ କରିଥିଲେ।

## ସଦର ମହକୁମାରେ ନାବାଳିକା ଗର୍ଭବତୀ

**ବାଲ୍ୟବିବାହ ରୋକିବାରେ ଶିଶୁ ସୁରକ୍ଷା ବିଭାଗ ବିଫଳ**

ମାଲକାନଗିରି, ୨୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ବାଲ୍ୟବିବାହ ରୋକିବାରେ ଜିଲା ଶିଶୁ ସୁରକ୍ଷା ବିଭାଗ ବିଫଳ ହୋଇଛି। ଜିଲା ସଦର ମହକୁମାରେ ଜଣେ ୧୭ ବର୍ଷୀୟା ବାଳିକା ୭ ମାସର ଗର୍ଭବତୀ ହୋଇଥିବା ଦେଖିବାକୁ ମିଳିଛି। ପଦ୍ମଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାବାଳିକା ଝିଅ ଖରାପାଲ୍ଲୀ ଅଞ୍ଚଳର ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ। ତାଙ୍କୁ ୧୭ ବର୍ଷ। ମାଲକାନଗିରି ସଦର ମହକୁମା ପାତ୍ରଗୁଡ଼ା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ବିବାହ ହୋଇଛି। ବର୍ତ୍ତମାନ ସମ୍ପୃକ୍ତ ନାବାଳିକା ୭ ମାସର ଗର୍ଭବତୀ ଥିବା ପାତ୍ରଗୁଡ଼ା ଅଙ୍ଗନୱାଡି କର୍ମୀ ନମିତା ଦାସ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ ଏହି ଅନୈତିକ ବିବାହ ଗୁପ୍ତଭାବେ କରାଯାଇଛି । ଏ ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ କୌଣସି ସୂଚନା ନ ଥିଲା । ସମ୍ପୃକ୍ତ ନାବାଳିକା ଗର୍ଭବତୀ ହେବା ପରେ ଅଙ୍ଗନୱାଡି ରେଜିଷ୍ଟରରେ ନାମ ପଞ୍ଜୀକରଣକରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଜଣାଇଥିଲେ। ଏହା ବ୍ୟତୀତ ଏହି ବିବାହ ସମ୍ପର୍କରେ ଶିଶୁ ସୁରକ୍ଷା ୟୁନିଟ୍‌କୁ ଏକ କଲ୍ ଯୋଗେ ଅଭିଯୋଗ ହୋଇଥିଲା। ଏହାକୁ ଆଧାରକରି ଜିଲା ସଖୀ ୱାନ୍‌ଷ୍ଟେପ୍ ତରଫରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାରକରି ପୁନର୍ବାର ତାଙ୍କ ସ୍ୱାମୀଙ୍କ ଘରକୁ ନେଇ ରଖିଥିବା ଅଙ୍ଗନୱାଡି କର୍ମୀ ଦାସ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କୁ ପଚାରିବାରୁ ଏକ ସ୍ୱତନ୍ତ୍ର ଫୋନ୍‌ରେ ଅଭିଯୋଗ ହୋଇଥିଲା। ତାକୁ ଭିତ୍ତିକରି ସଖୀ ୱାନ୍‌ଷ୍ଟେପ୍‌ର କର୍ମଚାରୀମାନେ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ କିଭଳି ଥଇଥାନ କରାଯାଇଛି ସେ ସମ୍ପର୍କରେ ସେ ଜାଣି ନ ଥିବା ସେ କହିଛନ୍ତି ।

## ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା

**ପଞ୍ଚାୟତ ସମିତି ବୈଠକ**

ଝରିଗାଁ,୨୩।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତି କୁମାର, ଜିଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ନାୟକ, ଯମୁନା ଗଣ୍ଡ, ତ୍ରିମିଳା ପୂଜାରୀ,ଏମ୍‌ପି ପ୍ରତିନିଧି ଚନ୍ଦ୍ରଭାନୁ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ୍‌ର ସମସ୍ତ ବିଭାଗରେ ଅଧିକାରୀ ଏବଂ ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ । ଜିପିଇଓ ରମେଶ ହରିଜନ ବୈଠକରେ ପୂର୍ବ ସମିତି ବୈଠକର ବିବରଣୀ ପାଠ କରିଥିଲେ। ଏହାପରେ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ଯୋଗାଣ, କୃଷି, ଉଦ୍ୟାନ, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ସହ ବିଭିନ୍ନ ଉନ୍ନୟମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରକୃତ ହିତାଧିକାରୀମାନେ କିପରି ଠିକ୍ ସମୟରେ ଯୋଜନାର ଲାଭ ଉଠାଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ।




ସମିତି ବୈଠକରେ ଏମ୍‌ପିଙ୍କ ସହ ଅନ୍ୟ ଅଧିକାରୀ।

## ଏସ୍‌ସି/ଏସ୍‌ଟି ବିଭାଗ କର୍ମଚାରୀଙ୍କ ଦରମାରେ ଅସଙ୍ଗତି ଦୂର ଦାବି

**ନୂତନ ପେନ୍‌ସନ ଭୋଗୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୈଠକ**

ନବରଙ୍ଗପୁର,୨୩।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ନୂତନ ପେନସନ ଭୋଗୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ବୈଠକ ଉମରକୋଟଠାରେ ଅନୁଷ୍ଠିତ ହୋଇଛି। ଜିଲାରେ ୨୦୦୯ ରୁ ୨୦୨୧ ମସିହା ପର୍ଯ୍ୟନ୍ତ କାର୍ଯ୍ୟରତ ୫୫ ଶିକ୍ଷକ, ଶିକ୍ଷୟିତ୍ରୀ, କିରାଣି, ପିଅନ ଓ ରାତ୍ରଜଗୁଆଳି ନୂତନ ପେନସନ ଯୋଜନା (ଏନ୍‌ପିଏସ) ଅନୁଯାୟୀ ଚାକିରି କରିଆସୁଛନ୍ତି। ତେବେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମାରେ ଅସଙ୍ଗତି ଦୂର ପାଇଁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରି ନାହିଁ। ତେଣୁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଇ ଯଥାଶୀଘ୍ର ସମସ୍ତ ଅସଙ୍ଗତି ଦୂର କରିବା ନିମନ୍ତେ ପୁଣି ଥରେ ଆଗାମୀ ଦିନରେ ରାଜ୍ୟ ପ୍ରଶାସନିକ ଅଧିକାରୀ, ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି।

ସୂଚନା ଯୋଗ୍ୟ, ଯେଉଁ କର୍ମଚାରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜିଲାରେ ବିଭିନ୍ନ ସମୟରେ ନିଯୁକ୍ତି ପାଇଥିଲେ ସେମାନେ ଚାକିରି ଆରମ୍ଭରୁ ୬ ବର୍ଷ ପର୍ଯ୍ୟନ୍ତ ଠିକା ଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନା କରି ସରକାରୀ ନିୟମାବଳୀ ଆଧାରରେ ସମସ୍ତେ ନିୟମିତ ହୋଇସାରିଛନ୍ତି। କିନ୍ତୁ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଆଦେଶ ଅନୁଯାୟୀ ଗ୍ରୁପ (ବି) ବର୍ଗର କର୍ମଚାରୀ ଯେଉଁମାନଙ୍କ ଚାକିରିରେ ଯୋଗଦାନ ୧୭।୧।୨୦୧୪ ପରେ ହୋଇଥିବ ଏବଂ ଗ୍ରୁପ ସି ଓ ଡି ବର୍ଗର କର୍ମଚାରୀ ଯାହାଙ୍କର ନିଯୁକ୍ତି ୧୨।୧୧।୨୦୧୩ ପରେ ହୋଇଥିବ, ଉକ୍ତ କର୍ମଚାରୀ ୬ଟି ନ୍ୟାସନାଲ ଇକ୍ରିମେଣ୍ଟ ସହ ଏହି ବର୍ଗର କର୍ମଚାରୀଙ୍କର ୬ବର୍ଷ ଚାକିରି ସମୟ ମୂଳ ଚାକିରି ଅବଧି ସହ ଗଣନା ହେବ ବୋଲି କୁହାଯାଇଥିଲା। ଏହା କାର୍ଯ୍ୟକାରୀ ହେବାଦ୍ୱାରା ୨୦୦୯ରୁ ୨୦୧୩ ମଧ୍ୟରେ ଚାକିରିରେ ନିୟୋଜିତ ହୋଇଥିବା କର୍ମକର୍ତ୍ତା ଉପେକ୍ଷିତ ହେଲେ। କିନ୍ତୁ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଧାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ତାରିଖ ପରେ ନିୟୋଜିତ ହୋଇଥିବା ସମସ୍ତ ବର୍ଗର କର୍ମଚାରୀ ଲାଭାନ୍ୱିତ ହେଲେ। ପୁଣି ୨୦୧୪ରୁ ଏବଂ ପରବର୍ତ୍ତୀ ମସିହାର ଦରମା ଏବଂ ଚାକିରି ବାରିଷ୍ଠତା ଭିତ୍ତିରେ ୨୦୦୯ରୁ ୨୦୧୩ ମଧ୍ୟରେ ନିୟୋଜିତ କର୍ମଚାରୀଙ୍କଠାରୁ ଅଧିକ ହୋଇଛି। ଫଳରେ ଗୋଟିଏ ବିଦ୍ୟାଳୟରେ ୨୦୦୯ ରୁ ୨୦୧୩ ମସିହାରେ କାର୍ଯ୍ୟରତ ଶିକ୍ଷକ,ଶିକ୍ଷୟିତ୍ରୀ କମ ଦରମା ପାଉଥିବା ସମୟରେ ୨୦୧୫ ରୁ ୧୭ ମସିହାରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଧିକ ଦରମା ପାଉଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି।

# ଆମରଣ ଅନଶନ ପ୍ରତ୍ୟାହୃତ

**କୋଷାଗୁମୁଡ଼ା ଜେଏମ୍ଏଫସି କୋର୍ଟ ସ୍ଥାପନ ପ୍ରସଙ୍ଗ**

କୋଷାଗୁମୁଡ଼ା,୨୩।୮ (ପ୍ରସାଦ ବିଶୋୟୀ)




ଆନ୍ଦୋଳନକାରୀଙ୍କ ସହ ଏମ୍‌ପି ବଳଭଦ୍ର ମାଝୀ।

ନବରଙ୍ଗପୁର ଜିଲା କୋଷାଗୁମୁଡା ସଦର ମହକୁମାରେ ଜେଏମ୍ଏଫସି ଅଦାଲତ ସ୍ଥାପନ ପାଇଁ ଚାଲିଥିବା ଆମରଣ ଅନଶନ ଓ ପ୍ରତୀକ ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଶୁକ୍ରବାର ଅନଶନସ୍ଥଳକୁ ଆସି ଉପସ୍ଥିତ ଜନସାଧାରଣଙ୍କୁ ବୁଝାଶୁଝା କରିବା ସହ କୋର୍ଟ ସ୍ଥାପନ ନେଇ ଚେଷ୍ଟା କରବେ ବୋଲି କହିଥିଲେ। ପରେ ନବରଙ୍ଗପୁର ଉପ ଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, କୋଡିଙ୍ଗା ତହସିଲଦାର ସୁବ୍ରତ କୁମାର ବେହେରା, ବିଡିଓ ଆଶିଷ ତ୍ରିପାଠୀ ଅନଶନସ୍ଥଳକୁ ଓ ଅନଶନ କରୁଥିବା ୩ଜଣଙ୍କୁ ଜୁସ୍ ପିଆଇ ଅନଶନ ଭଙ୍ଗ କରାଇଥିଲେ। କୋଷାଗୁମୁଡ଼ା ଗୋଟିଏ ଲିଙ୍ଗ୍ ପଏଣ୍ଟ ହୋଇଥିବାରୁ ଏଣୁ ଏହି ବିଷୟ ଆମେ ସରକାରଙ୍କୁ ଜଣାଇବୁ ବୋଲି ଉପ ଜଲାପାଳ ଆଞ୍ଚଳିକ ବିକାଶ ପରିଷଦ କର୍ମକର୍ତ୍ତାଙ୍କୁ କହଥିଲେ। ୪/୫ ଜଣିଆ କମିଟି ଗଠନ କରି ସମସ୍ତ କାଗଜପତ୍ର ଧରି ପ୍ରଶାସନ ନିକଟକୁ ଆସିଲେ ଆମେ ଜିଲା ବିଚାରପତିଙ୍କୁ ଭେଟି ଆଲୋଚନା କରିବା ବୋଲି କହିଥିଲେ। ଜିଲା ବିଚାରପତିଙ୍କ ଜରିଆରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ନୋଡାଲ ଅଫିସରଙ୍କୁ ଏ ସମ୍ପର୍କରେ ଜଣାଇବା ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କୁ ମଧ୍ୟ ଏହି ବିଷୟରେ ଜଣାଇଛୁ। ଏହା ପରେ ଆନ୍ଦୋଳନକାରୀ ଅନଶନକୁ ପ୍ରତ୍ୟାହାର କରିଥିଲେ । ଏହାପରେ ଗାଡି ଚଳାଚଳ, ଦୋକାନ ବଜାର ସ୍ୱାଭାବିକ ହୋଇଥିଲା ।

